**D.A.V. PUBLIC SCHOOLS, BHUBANESWAR**
**ANNUAL EXAMINATION -2021**
**CLASS -VI**
**SUBJECT – HIGHER ODIA (OBJECTIVE)**
**TIME- 40 MINUTES Maximum Marks -40**

**ସାଧାରଣ ନିର୍ଦ୍ଦେଶାବଳୀ :-**

- ପ୍ରଶ୍ନ ପତ୍ରରେ **କ,ଖ** ଏହିପରି **୨ଟି ବିଭାଗ** ଓ ସର୍ବମୋଟ **୪୦ଟି ପ୍ରଶ୍ନ** ଅଛି ।
- ପ୍ରତ୍ୟେକ ପ୍ରଶ୍ନର **୪ଟି ( i ) (ii) (iii) (iv) ବହୁବୈକଳ୍ପିକ ଉତ୍ତର** ପ୍ରଦାନ କରାଯାଇଛି ।
- ସେଥିମଧ୍ୟରୁ ଠିକ୍ ଉତ୍ତରଟି ଉତ୍ତରମାଳାରେ ଚିହ୍ନିତ କର ।
- ସମସ୍ତ ପ୍ରଶ୍ନର ଉତ୍ତର ବାଧ୍ୟତାମୂଳକ ଅଟେ ।

**‘କ’ ବିଭାଗ (୨୦)**

**୧. ‘ଚକର’ ଶବ୍ଦର ଗଦ୍ୟରୂପ କ’ଣ ହେବ ?**

**(i)** ଚର୍କ

**(ii)** ଛକ୍ର

**(iii)** ଚକ୍ର

**(iv)** ଚକ୍ରୀ

**୨. ‘ମୂରୁଛନା’ ଶବ୍ଦର ଗଦ୍ୟରୂପ କ’ଣ ହେବ ?**

**(i)** ମୂର୍ଚ୍ଚନା

**(ii)** ମୂର୍ଚ୍ଛନା

**(iii)** ମୃଛନା

**(iv)** ମୁର୍ଛନା

**୩. ‘ମଉନ’ ଶବ୍ଦର ଗଦ୍ୟରୂପ କ’ଣ ହେବ ?**

**(i)** ମୋନ

**(ii)** ମୌଉନ

**(iii)** ମୈନ

**(iv)** ମୌନ

୪. 'ସୂର୍ଯ୍ୟ' ର ପ୍ରତିଶବ୍ଦ ଏଥିମଧ୍ୟରୁ କେଉଁଟି ହେବ ନାହିଁ ?

**(i)** ପ୍ରଭାକର

**(ii)** ଶଶି

**(iii)** ତପନ

**(iv)** ରବି

୫. 'ସମୀର' ର ପ୍ରତିଶବ୍ଦ ଏଥିମଧ୍ୟରୁ କେଉଁଟି ହେବ ନାହିଁ ?

(i) ସମ୍ୟକ ଗାମୀ

(ii) ସଲିଳ

(iii) ସମୀରଣ

(iv) ବାୟୁ

୬. 'ନିଃସ୍ୱ' ର ପ୍ରତିଶବ୍ଦ କ'ଣ ହେବ ?

**(i)** ଦରିଦ୍ର

**(ii)** ନିଃସ୍ୱାର୍ଥପର

**(iii)** ନିଃଶ୍ୱାସ

**(iv)** ବିଶ୍ୱ

୭. 'ନିର୍ବାଚନ' ଶବ୍ଦର ରୂପ ପରିବର୍ତ୍ତନ କଲେ କ'ଣ ହେବ ?

**(i)** ନିର୍ବାପିତ

**(ii)** ନିର୍ବାଚିତ

**(iii)** ନିର୍ବାଛିତ

**(iv)** ନୀର୍ବାଛିତ

୮. 'ଆବିଷ୍କାର' ଶବ୍ଦର ରୂପ ପରିବର୍ତ୍ତନ କଲେ କ'ଣ ହେବ ?

**(i)** ଆବିଷ୍କୃତ

**(ii)** ଆବିସ୍କୃତ

**(iii)** ଆବିକ୍ରୃତ

**(iv)** ବିଷ୍କୃତ

୯. 'ସମୂହ' ଶବ୍ଦର ରୂପ ପରିବର୍ତ୍ତନ କଲେ କ'ଣ ହେବ ?

**(i)** ସାମୂହିକ

**(ii)** ଶାମୂହିକ

**(iii)** ସାମୁହିକ

**(iv)** ସାମୁହୀକ

**୧୦. 'ଗ୍ରହଣ' ଶବ୍ଦର ରୂପ ପରିବର୍ତ୍ତନ କଲେ କ'ଣ ହେବ ?**

(i) ଗୃହୀତ

(ii) ଗ୍ରୁହିତ

(iii) ଗ୍ରହୀତ

(iv) ଗର୍ବିତ

**୧୧. 'ବକ୍ତୃତା' ଶବ୍ଦ ବ୍ୟବହୃତ ସାର୍ଥକ ବାକ୍ୟଟିକୁ ବାଛ ।**

**(i)** ବକ୍ତୃତା ମାଟିରେ ଲଗାଇବାରୁ ଗଛରେ ଫୁଟିଲା !

**(ii)** ବକ୍ତୃତା ଚାଲିଚାଲି ଯାଉଛି ।

**(iii)** ଥାଏ ନେତାମାନଙ୍କର ଦେବାର ବକ୍ତୃତା ଦକ୍ଷତା ।

**(iv)** ତୁମମାନଙ୍କ ମଧ୍ୟରୁ ବକ୍ତୃତା ପ୍ରତିଯୋଗିତାରେ କିଏ ଅଂଶଗ୍ରହଣ କରିବ ?

**୧୨. 'ଅଙ୍ଗାରକାମ୍ଳ' ଶବ୍ଦର ସାର୍ଥକ ବାକ୍ୟ କେଉଁଟି ହେବ ?**

(i) ମନୁଷ୍ୟ ବାୟୁମଣ୍ଡଳରୁ ଅଙ୍ଗାରକାମ୍ଳ ଗ୍ରହଣକରି ଅମ୍ଳଜାନ ଛାଡ଼ନ୍ତି ।

(ii) ମନୁଷ୍ୟ ବାୟୁମଣ୍ଡଳରୁ ଅମ୍ଳଜାନ ଗ୍ରହଣକରି ଅଙ୍ଗାରକାମ୍ଳ ଛାଡ଼ନ୍ତି ।

(iii) ମନୁଷ୍ୟ ଉଭୟ ଅଙ୍ଗାରକାମ୍ଳ ଓ ଅମ୍ଳଜାନ ଗ୍ରହଣ କରନ୍ତି ।

(iv) ମନୁଷ୍ୟ ଉଭୟ ଅଙ୍ଗାରକାମ୍ଳ ଅଟେ ।

**୧୩. 'ସମୃଦ୍ଧ' ଶବ୍ଦ ବ୍ୟବହୃତ ସାର୍ଥକ ବାକ୍ୟଟିକୁ ବାଛ ।**

**(i)** କିଏ ସମୃଦ୍ଧ ଏଠି ସାକ୍ଷର ଖାଉଛନ୍ତି ?

**(ii)** ସମୃଦ୍ଧ ଶୋଇଥିବାରୁ ତୁମେ ଦେଖିଛ ଥିଲା କୁଆଡ଼େ ।

**(iii)** ମୁଁ ସମୃଦ୍ଧ ହେବା ପାଇଁ ।

**(iv)** ଦେଶକୁ ସମୃଦ୍ଧ କରିବାରେ ଆମ ସମସ୍ତଙ୍କ ସହଯୋଗର ଆବଶ୍ୟକତା ରହିଛି ।

**୧୪. ହଲାଇ ଗଛ ପତରରାଶି.....................(ଶୂନ୍ୟସ୍ଥାନ ପୂରଣ ନିମନ୍ତେ ଉପଯୁକ୍ତ ପଦ ବାଛ ।)**

(i) ପବନ ଧୀରେ ପଡ଼ଇ ଖସି ,

(ii) ସମୀର ଧୀରେ ପଡ଼ଇ ଝାସି ,

(iii) ପବନ ସାଥେ ଆସୁଚି ଭାସି,

(iv) ମଧୁର ତାର ମହକ ରାଶି,

୧୫. ସେମାନଙ୍କର ଶିକ୍ଷା କେବଳ ................ ମଧ୍ୟରେ ସୀମିତ ନୁହେଁ ।

(ଶୂନ୍ୟସ୍ଥାନ ପୂରଣ ନିମନ୍ତେ ଉପଯୁକ୍ତ ପଦ ବାଛ ।)

**(i)** ପୁସ୍ତକ ପଠନ

**(ii)** ଧ୍ୟାନ

**(iii)** କୁସ୍ତି

**(iv)** କ୍ରୀଡ଼ା

୧୬. ମୁନିଋଷିମାନେ ଏ ମାଟିରେ ଜନ୍ମଗ୍ରହଣ କରି ଏହାକୁ ------------ କରିଛନ୍ତି ।

(ଶୂନ୍ୟସ୍ଥାନ ପୂରଣ ନିମନ୍ତେ ଉପଯୁକ୍ତ ପଦ ବାଛ ।)

**(i)** ସମୃଦ୍ଧି

**(ii)** ସମୃଦ୍ଦ

**(iii)** ମୃଦ୍ଧ

**(iv)** ସମୃଦ୍ଧ

୧୭.'ପେଡ଼ା' ଅର୍ଥ ବୁଝାଉଥିବା ଶବ୍ଦଟି ଏଥିମଧ୍ୟରୁ କେଉଁଟି ହେବ ?

**(i)** ଅଧାମ

**(ii)** ଗୋଟିକା

**(iii)** ପୁଳି

**(iv)** ଖଣ୍ଡ

୧୮.'ବୁକୁ' ଶବ୍ଦଟିର ଠିକ୍ ଅର୍ଥ କ'ଣ ହେବ ?

**(i)** ଛାତି

**(ii)** ଛାତ୍ର

**(iii)** ଛାତ

**(iv)** ଛତା

୧୯.'ଅନୁପ୍ରାଣିତ' ଶବ୍ଦଟିର ଠିକ୍ ଅର୍ଥ କ'ଣ ହେବ ?

**(i)** ନିରୁତ୍ସାହିତ

**(ii)** ଅହିତ

**(iii)** ପ୍ରାଣସହିତ

**(iv)** ଉତ୍ସାହିତ

୨୦.'ରଜ୍ଜୁ' ଶବ୍ଦଟିର ଠିକ୍ ଅର୍ଥ କ'ଣ ହେବ ?

**(i)** ଦୌଡ଼ି

**(ii)** ଦୋଡ଼ି

**(iii)** ରଜ

**(iv)** ଦଉଡ଼ି

<u>'ଖ' ବିଭାଗ (୨୦)</u>

୨୧.ସକାଳ ହେବାରୁ ଏଥିମଧ୍ୟରୁ କେଉଁ କେଉଁ ପକ୍ଷୀ ରାବି ନଥିଲେ?

**(i)** ଶୁକ , କାକ

**(ii)** ମୟୂର , ଚିଲ

**(iii)** କୁକ୍‌କୁଟ ,କାକ

**(iv)** ପିକ , କୁକ୍‌କୁଟ

୨୨. ଶ୍ରୀକୃଷ୍ଣ ନିଦରୁ ଉଠିବା ପରେ ମାଆ ଯଶୋଦା କ'ଣ କରିବେ କହୁଛନ୍ତି ?

**(i)** ଝରିରେ ରଖିଥିବା ସୁଗନ୍ଧଯୁକ୍ତ ଜଳରେ ଫଳ ଧୋଇଦେବେ ।

**(ii)** ଝରିରେ ରଖିଥିବା ସୁଗନ୍ଧଯୁକ୍ତ ଜଳରେ ଗାଧୋଇଦେବେ ।

**(iii)** ଝରିରେ ରଖିଥିବା ସୁଗନ୍ଧଯୁକ୍ତ ଜଳରେ ଶ୍ରୀମୁଖକୁ ଧୋଇଦେବେ ।

**(iv)** ଝରିରେ ରଖିଥିବା ସୁଗନ୍ଧଯୁକ୍ତ ଜଳ ପାନ କରିବାକୁ ଦେବେ ।

୨୩. ଜୀବନ ଧାରଣ କରିବା ପାଇଁ କେଉଁ କେଉଁ ଜିନିଷ ଆମର ଅତି ଆବଶ୍ୟକ ?

(i) ଘର , ଗାଡ଼ି, ଟଙ୍କା , ଫଳ

(ii) ଜଳ ,ଫଳ, ଶସ୍ୟ ,ବାୟୁ

(iii) ଫଳ ,ମୂଳ , ଜମି , ଔଷଧ

(iv) ଟଙ୍କା , ବସ୍ତ୍ର , ଗୃହ , ମୋବାଇଲ୍

୨୪. ମୁକୁତା କେଉଁଠି ସାଇତା ହୋଇ ରହିଛି ?

**(i)** ଖଣିରେ

**(ii)** ବଣରେ

**(iii)** ସାଗରରେ

**(iv)** ଘରେ

୨୫. ରାଧାମୋହନ ଗଡ଼ନାୟକ କେଉଁ ପୁସ୍ତକ ପାଇଁ କେନ୍ଦ୍ର ସାହିତ୍ୟ ଏକାଡ଼େମୀ ପୁରସ୍କାର  ଲାଭ କରିଛନ୍ତି ?

(i) ଉତ୍କଳିକା

(ii) ଶାମୁକାର ସ୍ୱପ୍ନ

(iii) ସୂର୍ଯ୍ୟ ଓ ଅନ୍ଧକାର

(iv) କୈଶୋରିକା

୨୬. ନଈ କୂଳରେ କେଉଁ ଫୁଲ ଫୁଟିଛି ?

**(i)** ଶେଫାଳୀ

**(ii)** ଆମ୍ବ ବଉଳ

**(iii)** ମନ୍ଦାର

**(iv)** ଚମ୍ପା

୨୭. ଧୂଳି କିଭଳି ଭାବରେ ପୃଥିବୀ ଉପରେ ପଡ଼ିରହିଛି ?

**(i)** ତେଜହୀନ

**(ii)** ନିର୍ବିକାର

**(iii)** ବିକୃତ

**(iv)** ନିର୍ଭୟ

୨୮. ସୃଷ୍ଟିର ଆରମ୍ଭ ଦିନରୁ ଧୂଳିକଣା କ'ଣ ଦେଖୁଛି ?

**(i)** ହିଂସା

**(ii)** ସ୍ନେହ

**(iii)** ସକଳ ଅଭିଯାନ

**(iv)** ମାଆର ମମତା

୨୯. ଦେଶ ପାଇଁ କର୍ମ କରିବାକୁ ହେଲେ କ'ଣ ପରିପକ୍ୱ କରିବାକୁ ପଡ଼ିବ ?

**(i)** ଧର୍ମ

**(ii)** ସାଙ୍ଗସାଥୀ

**(iii)** ଧନସମ୍ପତ୍ତି

**(iv)** ଜ୍ଞାନ

**୩୦. ପିଲାଟିର ଲେଖକଙ୍କ ପ୍ରତିଥିବା କୃତଜ୍ଞତା କିପରି ପ୍ରମାଣିତ ହେଲା ?**

**(i)** ଲେଖକଙ୍କୁ ଦେଖିବା ମାତ୍ରେ ସେ ଆଉ ତାଙ୍କୁ ଚିହ୍ନି ପାରିଲା ନାହିଁ ।

**(ii)** ଲେଖକଙ୍କ କରୁଣାରୁ ସେ ଲେଫ୍‌ଟନାଣ୍ଟ ପଦବୀ ପାଇବାର କଥାକୁ ସ୍ୱୀକାର କରିଥିଲା ।

**(iii)** ନିଜ ଜୀବନକୁ ସଂଗ୍ରାମ କରି ଲେଫ୍‌ଟନାଣ୍ଟ ପଦବୀ ପାଇଥିବାରୁ ।

**(iv)** ନିଜ ପରିଶ୍ରମରୁ ସେ ଲେଫ୍‌ଟନାଣ୍ଟ ପଦବୀ ପାଇବାର କଥାକୁ ସ୍ୱୀକାର କରିଥିଲା ।

**୩୧. ଆଜିକାଲିକା ପିଲାଙ୍କ ଲକ୍ଷଣ କ'ଣ ?**

(i) ମୋବାଇଲ୍ ଫୋନ୍‌ରେ ଖେଳିବା

(ii) ସବୁ କଥାକୁ ନିଠେଇ ଧରିବା

(iii) ହେଲ୍‌ମେଟ୍ ନପିନ୍ଧି ଗାଡ଼ି ଚଳାଇବା

(iv) ସବୁବେଳେ ବସି ପାଠ ପଢ଼ିବା

**୩୨. ସିରାକ୍ୟୁଜ୍ ରାଜାଙ୍କ ସହିତ କେଉଁମାନଙ୍କର ବରାବର ଯୁଦ୍ଧ ହେଉଥିଲା ?**

**(i)** ଇଟାଲୀୟ

**(ii)** ଭାରତୀୟ

**(iii)** ରୋମୀୟ

**(iv)** ଆମେରିକୀୟ

**୩୩. 'ରାମକୃଷ୍ଣ ମିଶନ ' ଅନୁଷ୍ଠାନଟି ଏଥିମଧ୍ୟରୁ କେଉଁ ଲୋକହିତକର କାର୍ଯ୍ୟ କରୁନାହିଁ ?**

**(i)** ନାରୀଶିକ୍ଷାର ପ୍ରସାର

(ii) ସାମ୍ପ୍ରଦାୟିକ ସଦ୍‌ଭାବ

**(iii)** ସାମାଜିକ ବନୀକରଣ

**(iv)** ଦରିଦ୍ରମାନଙ୍କର ସେବା

**୩୪. ବିବେକାନନ୍ଦଙ୍କର କ'ଣ ଦେଖି ଲୋକମାନେ ମୁଗ୍ଧ ହୋଇଯାଇଥିଲେ ?**

(i) ଉଜ୍ଜ୍ୱଳ ମୁଖମଣ୍ଡଳ , ଜ୍ଞାନ , ପାଣ୍ଡିତ୍ୟ , ଅସତ୍‌ବ୍ୟବହାର

(ii) ବାଗ୍ମିତା , ପାଣ୍ଡିତ୍ୟ , ଚାଲିଚଳନ , ଆତ୍ମବିଶ୍ୱାସ

(iii) ବାଗ୍ମିତା , ପାଣ୍ଡିତ୍ୟ , ଉଜ୍ଜ୍ୱଳ ମୁଖମଣ୍ଡଳ , ଆତ୍ମବିଶ୍ୱାସ

(iv) ଉଜ୍ଜ୍ୱଳ ମୁଖମଣ୍ଡଳ , ପାଣ୍ଡିତ୍ୟ , ଜ୍ଞାନ , ପାରଦର୍ଶିତା

**୩୫. ଚରକ କେଉଁ ଶାସ୍ତ୍ର ଲେଖି ପ୍ରସିଦ୍ଧି ଲାଭ କରିଛନ୍ତି ?**

(i) ଅଷ୍ଟାଙ୍ଗସଂଗ୍ରହ

(ii) ମନୁସଂହିତା

(iii) ଶୁଶ୍ରୁତସଂହିତା

(iv) ଚରକସଂହିତା

**୩୬. ଆମ ରାଜ୍ୟର କେଉଁ ଜିଲ୍ଲାରେ ବାରମ୍ବାର ଅନାବୃଷ୍ଟି ଓ ଦୁର୍ଭିକ୍ଷ ଘଟୁଛି ?**

**(i)** କୋରାପୁଟ

**(ii)** କେନ୍ଦୁଝର

**(iii)** କଳାହାଣ୍ଡି

**(iv)** ମୟୂରଭଞ୍ଜ

**୩୭. ଅଲିମ୍ପିକ୍ କ୍ରୀଡ଼ାରେ ବ୍ୟବହୃତ ପତାକାରେ ଥିବା ବଳୟଗୁଡ଼ିକ କାହାର ପ୍ରତୀକ ଅଟନ୍ତି ?**

**(i)** ଏସିଆ , ଜର୍ମାନ , ସୁଇଜରଲ୍ୟାଣ୍ଡ , ଚୀନ୍ , ଅଷ୍ଟ୍ରେଲିଆ

**(ii)** ଏସିଆ, ଇଉରୋପ , ଆମେରିକା , ଆଫ୍ରିକା , ଅଷ୍ଟ୍ରେଲିଆ

**(iii)** ଆମେରିକା , ଆଫ୍ରିକା , ପାକିସ୍ତାନ ,ଚୀନ୍ , ଏସିଆ

**(iv)** ସୁଇଜରଲ୍ୟାଣ୍ଡ୍ , ଏସିଆ ,ଇଉରୋପ , ଅଷ୍ଟ୍ରେଲିଆ ,ଜର୍ମାନ

**୩୮. ଅଲିମ୍ପିକ୍ କ୍ରୀଡ଼ା ପ୍ରତିଯୋଗିତାରେ ବହୁ ଲୋକ ଏକତ୍ର ହେଉଥିବାରୁ ନିଜ ଶାସନ ପ୍ରତି ବିପଦ ଆଶଙ୍କା କରି କେଉଁ ସମ୍ରାଟ ଏହାକୁ ବନ୍ଦ କରି ଦେଇଥିଲେ ?**

**(i)** ବାରେନ୍ ପିଏଦା କୋବର୍ତ୍ତା

**(ii)** ଆର୍କିମେଡ଼ିସ୍

(iii) ଥିଓଡ଼ରସ୍

(iv) ଜିଉସ୍

**୩୯. ଓଡ଼ିଆ ସଂସ୍କୃତି ସମଗ୍ର ବିଶ୍ବକୁ କ'ଣ ଦେଇଛି ?**

**(i)** ଜ୍ଞାନ , ଚିନ୍ତାଧାରା , ଆତ୍ମବିଶ୍ୱାସ

**(ii)** ସତ୍ୟ ,ଦୟା ,ନିଷ୍ଠା

**(iii)** ଶାନ୍ତି , ସମତା , ଭ୍ରାତୃତ୍ୱ

**(iv)** ମହାପ୍ରସାଦ , ମକରଚାଉଳ , ଆମ୍ବ ବଉଳ

**୪୦. ଓଡ଼ିଶାର ଜାତୀୟ ଜୀବନକୁ କିଏ ପ୍ରାଣବନ୍ତ କରି ରଖିଛି ?**

**(i)** ଚାନ୍ଦୁଆ ଓ ପଟ୍ଟଚିତ୍ର

**(ii)** ମୃଣ୍ମୟ ଶିଳ୍ପ ଓ ଶିଙ୍ଗକାମ

**(iii)** ଛଉ ଓ ଲୋକନୃତ୍ୟ

**(iv)** ଭାଷା ଓ ସାହିତ୍ୟ

*******

# D.A.V. PUBLIC SCHOOLS, BHUBANESWAR
## ANNUAL EXAMINATION -2021
## CLASS -VI
## SUBJECT – HIGHER ODIA (SUBJECTIVE)

**TIME- 1 Hours20 MINUTES** **Maximum Marks -40**

ସାଧାରଣ ନିର୍ଦ୍ଦେଶାବଳୀ :-

- ପ୍ରଶ୍ନ ପତ୍ରରେ **କ,ଖ** ଏହିପରି **୨**ଟି ବିଭାଗ ଓ ୮ଟି **ପ୍ରଶ୍ନ** ଅଛି ।
- ପ୍ରତ୍ୟେକ ପ୍ରଶ୍ନର ଉତ୍ତର ଲେଖିବା ସମୟରେ ଉତ୍ତର ଖାତାରେ ସେହି ପ୍ରଶ୍ନର କ୍ରମିକ ସଂଖ୍ୟା ନିଶ୍ଚୟ ଲେଖ ।
- ପ୍ରତ୍ୟେକ ପ୍ରଶ୍ନକୁ ଧ୍ୟାନପୂର୍ବକ ଅଧ୍ୟୟନ କରି ନିର୍ଦ୍ଦେଶ ଅନୁସାରେ ଉତ୍ତର ଲେଖ ।
- ସମସ୍ତ ପ୍ରଶ୍ନର ଉତ୍ତର ଲେଖିବା ବାଧ୍ୟତାମୂଳକ ଅଟେ ।

<u>'କ' ବିଭାଗ (୨୦)</u>

୧. ନିମ୍ନଲିଖିତ ଅନୁଚ୍ଛେଦଟିକୁ ପଢ଼ି ଦିଆଯାଇଥିବା ପ୍ରଶ୍ନଗୁଡ଼ିକର ଉତ୍ତର ଲେଖ । (୫X୨=୧୦)

ଦୁନିଆର ସବୁଠାରୁ ଲୋକପ୍ରିୟ ନେଟୱାର୍କିଂ ସାଇଟ୍ ହେଉଛି ହ୍ୱାଟ୍ସଆପ୍ । ଏହା ଏପରି ଏକ ମେସେଞ୍ଜର ଆପ୍ ଯାହା ପ୍ରତ୍ୟେକ ମଣିଷ ଦ୍ୱାରା ପରିଚାଳିତ ଏବଂ ତାଙ୍କ ବନ୍ଧୁ ଏବଂ ଘନିଷ୍ଠ ଭଦ୍ରଲୋକମାନଙ୍କ ସହିତ ଜଡିତ । କେବଳ ଯୁବ ପିଢ଼ି ନୁହେଁ, ଶିଶୁ ଏବଂ ବୃଦ୍ଧମାନେ ମଧ୍ୟ ହ୍ୱାଟ୍ସଆପ୍ ବିଷୟରେ ଭଲ ଭାବରେ ଜାଣିଛନ୍ତି । ପ୍ରଥମ ୫ ବର୍ଷରେ ୪୫ ନିୟୁତ ଉପଭୋକ୍ତା ପହଞ୍ଚିବା ହ୍ୱାଟ୍ସଆପ୍ ଲୋକପ୍ରିୟତାକୁ ସୂଚାଇ ଦେଇଥାଏ । ଏହାର ସବୁଠାରୁ ବଡ ବିଶେଷତ୍ୱ କଥା ହେଉଛି ହ୍ୱାଟ୍ସଆପ୍‌ରେ କୋଣସି ପ୍ରକାରର ବିଜ୍ଞାପନ ନାହିଁ । ସୋସିଆଲ୍ ନେଟୱାର୍କିଂ ସାଇଟ୍ ହ୍ୱାଟ୍ସଆପ୍ ସୃଷ୍ଟି କରିଥିବା ଜେନ୍ କୁମେ ୨୪ ଫେବୃଆରୀ ୧୯୭୬ ରେ ୟୁକ୍ରେନର କଲିଭ୍ ସହରରେ ଜନ୍ମଗ୍ରହଣ କରିଥିଲେ । କୁମ୍ ଜାନୁଆରୀ ୨୦୦୯ରେ ଆପଲ୍‌ର ଆଇଫୋନ୍ କିଣିଥିଲେ କିନ୍ତୁ ଦିନେ ତାର ପାସୱାର୍ଡ ଭୁଲିଗଲେ । ଏହି ସମସ୍ୟାର ସମାଧାନ କରି ସେ ଦୁନିଆକୁ ଏକ ଆପ୍ ଆଣିବାକୁ ଚିନ୍ତା କଲେ ଯାହା କେବଳ ଲୋକଙ୍କୁ ଏକ ଫୋନ୍ ନମ୍ବର ସହିତ ସଂଯୋଗ କରିବ । ସେ ଏହି ଧାରଣାକୁ ତାଙ୍କ ବନ୍ଧୁ ବ୍ରାଏନ୍ ଆକ୍ଟନ୍‌ଙ୍କୁ କହିଥିଲେ । ୩୫ ବର୍ଷ ବୟସରେ ସେ ହ୍ୱାଟ୍ସଆପ୍‌ରେ କାମ କରିବା ଆରମ୍ଭ କରିଥିଲେ। ଜେନ କୁମରଙ୍କ ହ୍ୱାଟ୍ସଆପ୍ କିଣିବା ପାଇଁ ଫେସ୍‌ବୁକ୍ ତାଙ୍କୁ ପ୍ରାୟ ୧,୨୩,୦୦୦ କୋଟି ଟଙ୍କା ଦେଇଛି । ସେଥିପାଇଁ ପଣ୍ଡିତେ କହିଥିଲେ , ଆବଶ୍ୟକତା ହିଁ ଉଦ୍‌ଭାବନର ଜନନୀ ।

ପ୍ରଶ୍ନାବଳୀ :

(କ) ଦୁନିଆକୁ ଏକ ନୂଆ ଆପ୍ ଆଣିବାକୁ କୁମ୍ କାହିଁକି ଚିନ୍ତା କଲେ ?
(ଖ) ହ୍ୱାଟ୍ସଆପ୍ ଲୋକପ୍ରିୟତାର ସୂଚନା କେଉଁଥିରୁ ଦେଖିବାକୁ ମିଳେ ?
(ଗ) ଫେସ୍‌ବୁକ୍ ହ୍ୱାଟ୍ସଆପ୍‌କୁ କିଣିବା ପାଇଁ କେତେ ଟଙ୍କା ଦେଇଛି ?
(ଘ) ସୋସିଆଲ୍ ନେଟୱାର୍କିଂ ସାଇଟ୍ ହ୍ୱାଟ୍ସଆପ୍‌ର ସୃଷ୍ଟି କର୍ତ୍ତା କିଏ ଓ ସେ କେଉଁଠାରେ ଜନ୍ମଗ୍ରହଣ କରିଥିଲେ ?
(ଙ) ହ୍ୱାଟ୍ସଆପ୍‌କୁ କାହିଁକି ମେସେଞ୍ଜର କହିବା ?

**୨. ନିମ୍ନଲିଖିତ ପ୍ରଶ୍ନଗୁଡ଼ିକର ସଂକ୍ଷିପ୍ତ ଉତ୍ତର ଲେଖ ।** **(୫X୨=୧୦)**

(କ) କେଉଁମାନଙ୍କର ନାମ ଲୋକମୁଖରେ କାଳେ କାଳେ ରହେ ?

(ଖ) କେଉଁ କଥା ଧୂଳିକଣା ଭଲଭାବେ ଜାଣେ ?

(ଗ) ଲେଖକ ପିଲାଟିକୁ କିପରି ସାହାଯ୍ୟ କଲେ ?

(ଘ) ବୃକ୍ଷଲତାକୁ 'ସବୁଜ ସ୍ୱର୍ଣ୍ଣ ' ବୋଲି କହିବାର ଯଥାର୍ଥତା କ'ଣ ?

(ଙ) ଅଲିମ୍ପିକ୍ କ୍ରୀଡ଼ାର ଏପରି ନାମକରଣ କାହିଁକି କରାଯାଇଛି ?

## 'ଖ' ବିଭାଗ (୨୦)

୩. **" ବିଦ୍ୟା ଓ ବିଦ୍ୟାଳୟ "** ବିଷୟକୁ ଆଧାର କରି ଏକ ଅନୁଚ୍ଛେଦ ଲେଖ । **(୧X୫=୫)**

୪. ଅନ୍‌ଲାଇନ୍ କ୍ଲାସର ସଦ୍‌ବ୍ୟବହାର ନିମନ୍ତେ ପରାମର୍ଶଦେଇ ନିଜ ସାନ ଭଉଣୀକୁ ଏକ ପତ୍ର ଲେଖ । **(୧X୩=୩)**

**୫. ସରଳାର୍ଥ ଲେଖ ।** **(୧X୩=୩)**

ଦେଶଦେଶ ମଧ୍ୟରେ ଭ୍ରାତୃଭାବ ଏବଂ ସୁସମ୍ପର୍କ ବୃଦ୍ଧିରେ ଏହା ସହାୟକ ହୋଇଥାଏ ।

**୬. ସରଳାର୍ଥ ଲେଖ ।** **(୧X୩=୩)**

ବାଛୁରୀ ଚରାଇ ଯାଇ , କାଲି ପଥଶ୍ରମ ପାଇ ,
ଅଳସରେ ଅଛୁ ଶୋଇ , ଅଶକତ ହୁଏ କି ଶରୀର ହେ ।

୭. ଆଲେକ୍‌ଜାଣ୍ଡର ପିଲାଦିନୁ ଭାରତ ବିଷୟରେ କ'ଣ ଶୁଣିଥିଲେ ? **(୧X୩=୩)**

୮. " ମୁଁ ପରାଜିତ ହେଲେ ମଧ୍ୟ ଗୋଟିଏ ସ୍ୱାଧୀନ ରାଜ୍ୟର ନରପତି ।" - ଏହି ଉକ୍ତିଟି କିଏ , କାହାକୁ , କେଉଁ ପ୍ରସଙ୍ଗରେ କହିଛି , ଲେଖ । **(୧X୩=୩)**

********************